କଥା ସାହିତ୍ୟ

ଯାତ୍ରା ପଥେ

କବି ରଘୁନାଥ ଦାସ

ନିରାକାରପୁର ସାନ ଇଷ୍ଟେସନଟାରେ ମୁସାଫିରଖାନା ବୋଲି ଯୋଉ ଟାଇଲିଛପର ଟିକି ଚାଳି ଖଣ୍ଡ ଅଛି, ସେଠି ଆଉ ସୋରିଷ ପକାଇବାକୁ ଥାନ ନାହିଁ।

ଛୋଟ ଛୋଟ ପୁଟୁଳିମାନ ଜଙ୍ଘ ତଳେ ରଖି ଜଣ ଷାଠିଏ ସତୁରି ପେଣ୍ଡାପାରି ବସି ଯାଇଛନ୍ତି। ତଇଲାର ରଘୁ ସୋଇଁ କହୁଚି କେମିତି ସେ ବାରମାରୁ ଫେରିଲା। ରାସ୍ତାରେ ସାତ ଦିନ କାଳ ଖାଲି ଚାକୁଣ୍ଡା ଶାଗ ଖାଇ ଖାଇ ମଣିପୁରରେ ପହଞ୍ଚିଲା। ଓହ୍ଲାଣର ବାରିକଙ୍କ ମେଳରେ ପଡ଼ିଚି ପଟ୍ଟନାୟକ ବାଉଁଶ ବରତନ ନ ଦେବା କଥା। ନଈକୂଳ ପାଟଣାର କୁଶୁଳିଆ ପାଟିରୁ ସିଦ୍ଧେଶ୍ୱର ଠାକୁରଙ୍କ ମହିମା କଥା ତ ପାଞ୍ଚ ଜଣ ଆଁ କରି ଶୁଣିଛନ୍ତି। ଓଷଣା ବରପଦାର ଫକୀର ସାମଲ ରଥ ଆପଣଙ୍କଠଁ ଶୁଣିଥିବା ଲଢ଼େଇ ହାଲ ଅନର୍ଗଳ କହି ଚାଲିଛି। ରାଧା ମାଇଚିଆ ସାନ୍ତରାଙ୍କ ଘର ବୋହୂ କେମିତି କାନ୍ଦୁଥିଲା , ସେ କଥା ନକଲ କରି ପାଖ ଲୋକଙ୍କୁ ହସାଉଚି। ଦେଶ ଅଞ୍ଚଳରୁ ଯେଉଁ ସାତ ଆଠ ଜଣ ବସିଛନ୍ତି, ସେ ରାମଶ୍ୱରିଆଙ୍କ ଆଗରେ ତାଙ୍କ ଆଡ଼ ନଇବଢ଼ି ହାଲ , ଜମିବାଡ଼ି ହାଲ ସବୁ ବଖାଣୁଛନ୍ତି। ମାଗୁଣି ନାୟକ ତାର ଶ୍ରୋତାଙ୍କ ଆଗରେ ବୋଲି ଚାଲିଛି, ‘ ହଟିଲାଣି ହିଟଲର’ ଗୀତ। ଏ ନୂଆକାଳିଆ ଗୀତ ଅଧିକାରୀ ଜଟୀ ଦାସଙ୍କ ମନରୁ ପାଉ ନଥିବାରୁ ସେ ତାଙ୍କ ମନବୋଧ ଚଉତିଶକୁ ଦିଶ ପକାଇ ବୋଲୁଛନ୍ତି। ଗୋଳବାଇର ଦିନ ସାହୁ ତାଙ୍କ ଗାଁ ରାସର ଟେକ ଦେଖୁବାକୁ ଛାଡି ଦେଇଛି- “ ଆହା ଦିନେ ଗୋପବାଲା” ପଦ୍ମପୁରର ଗୋପି ରଥେ ବଡ଼ ଭିଡ଼ରେ ଚୂନପତ୍ର ଚକଟୁ ଚକଟୁ କହିଲେ ‘କ’ଣ ଆଉ ଏ ଯୁଗର ଚୂନପତ୍ର ଖାଇବା କହିଲେ, ମୋତିହାର ଦାମ୍।” ଚୂନପତ୍ର ଟିପେ ଲାଗି ଯେଉଁମାନେ ଲାଳଚେଇ ଥିଲେ ସେମାନେ ରଥଙ୍କ ପାଟିରୁ କଥା ନ ସରୁଣୁ ସମର୍ଥନ ଓ ଅନୁମୋଦନ କଲେ। ଷ୍ଟେସନ ପଛପଟକୁ ଯେଉଁ ଓସ୍ତ ଗଛଟା ଅଛି ତା’ର ମୂଳରେ ଆଉ ଦଶ ପନ୍ଦର ଜଣ ଗୋଡି ଉପରେ ବୈଠକ କରି ସୁରୁ କରିଛନ୍ତି ଚିଲମର ଆଡ଼ା। ଆଉ କେତେ ଜଣ ଏ ପାଖେ ସେ ପାଖେ ବସିଚନ୍ତି-କିଏ ବା ଦିହହାତ ସଳଖୁଚି।

ମୁସାଫିରଖାନା କାନ୍ଥକୁ ଆଉଜି ପଶ୍ଚିମ-ପଟକୁ ଏକକଣିଆ ହୋଇ ଯୋଉ ଲୋକଟି ବସିଚି ସେ କେତେବେଳୁ ସେହିଭଳିଆ ବସିଲାଣି, କାହା ସାଙ୍କରେ କଥା ନାହିଁ, ଭାଷା ନାହିଁ- ଭକୁଆ ଭଳି ସାମନାରେ ଟଙ୍ଗା ‘ଗ୍ରାମବାସୀର ବୁଦ୍ଧି’ ଚିତ୍ରକୁ ଟିକୁ ଅନାଇ ରହିଛି। ବେଶବାସରେ ଅନ୍ୟମାନଙ୍କଠଁ ସେ ଯେ ନିଆରା ତା ନୁହେଁ-ମୁଣ୍ଡରେ କରିଆ ଖଣ୍ଡେ ଠେକା; ପିନ୍ଧା ଖଣ୍ଡେ ଛ ହାତ ଗାମୁଛା- ଦି ଖଣ୍ଡ ଯାକ ତା’ ଦିହପରି କୋତରା ଚଟ ତା’ ଜଙ୍ଘତଳେ କିନ୍ତୁ ପୁଟୁଳି ନାହିଁ।

ତାକୁ ସମ୍ବୋଧନ କରି ବଗିପଡ଼ାର ମଦନ ସିଂହ ପଚାରିଲା, ‘ରାଉତରା ଘରୁ କେତେ ଧାନ କରଜ ଆଣିଲୁ, ସନିଆ ଭାଇ?” ସନିଆ ମଦନ ସିଂହ ମୁହଁକୁ ଟିକିଏ ବେଳେ ଗାଡ଼େଇ କରି ଅନାଇ ଦୀର୍ଘଶ୍ୱାସଟାଏ ପକାଇଲା। ‘କାଇଁ କରଜ କିଏ ଦଉଚି?’

“ ହଁ, ମତେ ପରା ନେଉଟାଇ ଦେଲେ, ସେ ଆଉ କ’ଣ କାହା ମୁହଁକୁ ଅନାଉଛନ୍ତି କି, କେଉଠୁଁ ଆଣିଲୁ ଫେର?”

ଯାତ୍ରା ପଥେ

କବି ରଘୁନାଥ ଦାସ

'ଆଣିବି ଆଉ କେଉଠୁ?'

' ଆଉ ତେବେ।'

'ଆଉ କଣ?'

' ଘରେ ଫେର କ'ଣ ଦେଇ କରି ଆସିଲୁ?' ତୋର ପରା ରଜଠଉଁ କହୁଥିଲୁ ଓଳିଆ ଝଡ଼ାଝଡ଼ି।'

ସନିଆ ତଳକୁ ମୁହଁ ପୋତି ଗୋଡ଼ିଟାଏ ଧରି ଭୂଇଁରେ ଠିକ୍ କରୁଥାଏ।

' ଦି ମାସ ଚଳିବା ମୁତାବକ ଧାନ ରଖି ଦେଇ ଆସିଚୁ ଚିକି? ମାଇପି ଲୋକ ଟଙ୍କା ଧରି ଉପାସରେ ଶୋଇବେ। ପାଞ୍ଚ ଗାଁ ବୁଲିଲେ ଧାନ ଟଙ୍କାକର ମିଳୁଚି କି ନାହିଁ ଏ କାଳକୁ।'

'ଧାନ ମିଳେ କୋଉଠୁ- ଟଙ୍କା ମିଳେ କୋଉଠୁ।'

ନିଜୋରିଆ କଥା ଗୁଡ଼ାକ ସନିଆର ଓଠରୁ ଖସି ପଡିଲା।

" ଆଉ? ଘରକୁ ମାଇପିଟାଏ, ଭୂଆଖୁଣି ଝିଅଟାଏ, ସେ ଏବେ କରିବ କଣ? ତୁ ଯୋଉଠୁ ହେଲେ ଧାନ କୋଡ଼ିଏ ଗୌଣୀ ଦେଇ ଆସିଲୁନାହିଁ, ସିଏ ଏବେ ଚଳନ୍ତି କେମିତି, କରିବେ କଣ?"

ଯାହା କରି ତା କରନ୍ତୁ। ମୋର କୋଉ ମାଣେ ପାଏ ଅଛି।"

" ୟା ନା ଫେର୍ ଗୋଟିଏ କଥା! ସେ ତ ଫେର୍ ମୁଠାଏ ଖାଇବେ।"

" ଆପଣା ପେଟ ପୋଡ଼ିଗଲା ବୋଲି କରି ତ ଏଠି ଆସି ନାଁ ନେଖେଇଲି। ସେଥିକି ମୋର ଆଉ ଚାରା କଣ? ତାଙ୍କ କପାଳରେ ଯାହା ଥିବ ସେ ଭୋଗିବେ-ମୋ କପାଳରେ ଯାହା ଥିବ ମୁଁ ଭୋଗିବି। କୋଉ ପାଇଟି କାମ ମିଳୁଛି ଯେ ବିଲବାଡ଼ିରେ ନାଗିପଡ଼ି ରହିବି।"

" ଶୁଣିଲୁ ଜଗା ଦାଦି, ୟା ନା- "

"ସମସ୍ତେ ଅଛ ନାରେ" ସର୍ଦ୍ଦାର ଆସି ସମସ୍ତଙ୍କ ଉପରେ ଆଖି ପକେଇଗଲା

www.jataayu.org

ଯାତ୍ରା ପଥେ

କବି ରଘୁନାଥ ଦାସ

" ଗାଡ଼ି କାଳୁପଡ଼ାରୁ ଛାଡ଼ିଲାଣି।"

ମୁଣ୍ଡଗଣା ଚାଲିଲା । କଳା କଳା ମଣିଷ ମୁଣ୍ଡ, ଫରୁକୁଟିଆ ମଣିଷ ମୁଣ୍ଡ ଏକ, ଦୁଇ, ତିନି... ଚାରି କୋଡ଼ି ଅଠର... ଆଉ ସବୁ ଗଲେ କୁଆଡ଼େ? ପାଞ୍ଚ କୋଡ଼ି ଚଉଦ।

"ଆମର ଟିକଟ ହେଲାଣି?"

' ତମର ଟିକଟ ଦରକାର ହେବନାହିଁ- ଚାଲାଣ, ରେଲବାଇ ଚାଲାଣ, ତମେ ବସ ମୁଁ କରେଇ ଦଉଚି, ସମସ୍ତ ଏକଠେଇ ବସ-କିଏ କୁଆଡ଼େ ଉଠି ପଳେଇବ ନାହିଁ- ରହିଯିବ, ମତେ କହିବ ନାହିଁ।"

ସନେଇ ପ୍ରଧାନ ପଛରେ ମୁସାଫିରଖାନା ବାହାର କାନ୍ଥକୁ ଲାଗି ଗୋଟିଏ ମାଇପି ଲୋକର ନାକ ସୁଡୁସୁଡୁ। ସନେଇ ପଧାନ ଚମକି ପଡ଼ିଲା। ତା' ମୁହଁରୁ ରଙ୍ଗ ଲିଭିଗଲା।

ତାର ନିସ୍ତେଜ ଆଖି ମୁହୁର୍ତ୍ତକ ପାଇଁ ଇତସ୍ତତ ହୋଇଗଲା, ମୁସାଫିରଖାନାର କାନ୍ଥ ଗୁଡ଼ିକ ଦୋହଲିଲା, ଓସ୍ତଗଛଟା ଆହୁରି ଆକାଶିଆ ହୋଇଗଲା, ଚଟାଣଟା ଅହୁରି ପାତାଳକୁ ପଶିଗଲା। ମାଇପିଟି ସେହିପରି ପଥର କାନ୍ଥରେ ମୁହଁ ମାଡ଼ି କାନ୍ଦୁଥାଏ ସନେଇ ପଧାନର ଉଠିବା ଥାନକୁ ଉଠିଯିବାକୁ ବଳ ପାଇଲା ନାହିଁ-ମାଇପିଟାର ଆର ପଟରୁ ଦିଇଟା ଲୁହ ଛଳ ଛଳ ଆଖି ପାଟିକଲା, " ବାପା।"

ସନେଇ ପଧାନ ନିଜକୁ ସମ୍ଭାଳି ନେଇ ତାଙ୍କ ପାଖକୁ ଉଠିଗଲା।

" ତମେ କୁଆଡ଼େ ଚାଲି ଅଇଲ? ଆମେ ଚାରି ଦିନ ହେଲା-" ଲୁହ ଆଉ କୋହ; ବାପା ତୁମେ କୁଆଡ଼େ ଯାଉଛ? ଆମେ-"

ଲୁହ ଆଉ କାନ୍ଦ।

"କିଏ କିରେ?" ଜନତା ଭିତରୁ ପ୍ରଶ୍ନ ଉଡିଲା? ,ଚାଞ୍ଚଲ୍ୟ ଖେଳିଗଲା।

" ତା ଭାରିଯା ପରା!"

"ତା' ଝିଅ ସେ"

"ଭୁଆଷୁଣୀ ଝିଅଟା"

ଯାତ୍ରା ପଥେ

କବି ରଘୁନାଥ ଦାସ

"ଦି' ବରଷ ହେଲା ଘରେ ରହିଲାଣି। ଏ ଯୁଦ୍ଧକାଳ, ବାହା ଦେବାକୁ ତା'ର ଜ୍ଞୁ କେତେ?"

"ସଦିଆ ପରା ଲୁଚି କରି ପଳାଇ ଆସିଛି।"

"ଲୁଚି କରି?"

" ହଁ, ହଁ, ଲୁଚିକରି। ଖାଡ଼ା ଖାଡ଼ା ଉପାସ- ଚାରିଦିନ ହେଲା- ବଉଁଶ ଯାକ ଉପାସ କଣ କରିବ?"

"କୋଉ ନାଭ ଆଉ ଘରେ ବସି।"

"ଆପଣା ପେଟ ତ ପୋଷିବ ଆଗେ।"

"ହଁ, ତା' ନୁହେଁ ଆଉ କଣ? ଏଠି ବସି କୋଉଥିକି ପାଏ?"

"ୟେ, ଦେଖିଲେ, ତା' ଭାରିଯା ମୁଣ୍ଡ ଫାଟି ଯାଇଚି; କାନ ମୁଣ୍ଡା ଯାକ ରକତ, ୟେ ଆଣ୍ଠୁ ଛିଡ଼ି ଯାଉଚି।"

ଲୁହ ଆଉ କାନ୍ଦ।

ମାଇପି ଆଖିର ଲୁହ, ମାଇପି ଛାତିରେ କୋହ।

ଇଷ୍ଟେସନର ଘଣ୍ଟି ବାଜି ଉଠିଲା ଟାଂନ୍, ଟାଂନ୍, ଟାଂନ୍.....

" ଗାଡ଼ି ଆସିଲା", ଗାଡ଼ି ଆସିଲା", ଜନତା ମୁସାଫିରଖାନା ଛାଡ଼ି ଚାଲିଲେ।

"ବାପା- ବାପା-"

" ମୁଁ-" ସନେଇ ପଧାନର କଥାକୁ ଡୁବେଇ ଦେଲା ସର୍ଦ୍ଦାରର ଗର୍ଜନ। "ଏଠି ଗୋଟାଏ ଫାରସ ନଗେଇଚୁ। ମୋର କିଏ ଏତେ ତମକୁ ନୋଡ଼ି ବୁଲିଥିବରେ। କାଇଁ କାଇଁ ଏତେ ସକ ବାହାରି ପଡୁଚି। ସେ ତ ଯାଇ ଟଙ୍କା ପଠେଇବ, ଭଲରେ ଚଳିବ, କାନ୍ଦ କଉଥି ପାଇଁ! ଆ ଆ ବେଗି-ସେ କିଏ, ତୋ ଝିଅ। ଆସୁଚିନା ବେଗି।

ସନେଇ ପଧାନ ସର୍ଦ୍ଦାରର ପଛେ ପଛେ ଚାଲିଲା। ପଛରେ ତାର କାନ୍ଦ, ପଛରେ ତାର ଲୁହ, ପଛରେ ତା'ର ଚିତ୍କାର। ଫେରି ଚାହିଁବାକୁ ତା'ର ଛାତି ଆଉ ପତେଇଲା ନାହିଁ।

www.jatayu.org

ଯାତ୍ରା ପଥେ

କବି ରଘୁନାଥ ଦାସ

ଗାଡ଼ି ଛାଡ଼ିଲା ଭସ୍ ଭସ୍... ଲୁହାର କାଳିଆ କାଳିଆ ଚକ ଗୁଡ଼ାକ କେଁ କରି ଗୋଟିଏ ରଡ଼ି ଦେଇ ଘୂରିବାକୁ ଲାଗିଲେ।

ଇଷ୍ଟେସନ ହତା ବାହାରେ ଟାଙ୍ଗିର ଗୋଡି ଉପରେ ଦୁଇଟା ମାଇପି ଅଧା ଲଙ୍ଗଳା ହୋଇ ଧାଇଁଥାନ୍ତି ରେଳଗାଡ଼ିରେ କରେ କରେ।

"ବାପା-ବାପା-"

ଲୁହ ଓ କାନ୍ଦ।

ସେଇ କାନ୍ଦ ଶୁଣିବାକୁ; ସେଇ ଦଉଡିଲା ମାଇପି ଦୁଇଟାକୁ ଦେଖିବାକୁ ରେଳଗାଡ଼ିର ଡ୍ରାଇଭର୍ ବାହାରକୁ ଅନାଇଲା, ଫାୟାରମ୍ୟାନ୍ ଲମ୍ବା କୋଡ଼ିଟା ଧରି ଦୁଆରମୁହଁରେ ଡୁଙ୍ଗିଲା।ଫାଷ୍ଟକ୍ଲାସରୁ ଚାରିଟା ସୈନ୍ୟ ରୁମାଲ ହଲେଇଲେ। ପଶ୍ଚିମ ଝରକା ଫାଙ୍କରେ ତିନିଶ ଚାରିଶ ଶୁଖିଲା ଆଖି ଜଳି ଉଠିଲା। ଇଣ୍ଟରକ୍ଲାସ ଦୁଆର ମୁଣ୍ଡରେ କବାଟ ମେଲା କରି ପାଇଜାମା ପିନ୍ଧି ଠିଆ ହୋଇଥିବା ଟୋକାଟା ହସି ହସି ଦୋହଲି ଗଲା, ସାହେବ ଦୁଇଟା କାବା ହୋଇ ସେଇଆଡ଼େ ତକେଇ ଚାହିଁଲେ, ଦଶବାରଟା ହାତ ତାଙ୍କୁ ଡ଼ାକିବାକୁ ହିଲିଲା। ଗାଡ଼ିର ବେଗ ବଢ଼ିଲା। ଚକ ଘୂରିଲା ଆହୁରି ଜୋର୍‌ରେ- ଗାଡି ଟପି ଚାଲିଲା।

ଖଜୁରିଆର ଅସରଫି ମିଆଁ ନିରାକାରପୁର ହାଟରୁ ପାନ ବିକି ଫେରୁଥିଲା, କାନରେ ଖୋସା ଖଣ୍ଡିଆ ବିଡ଼ିଟି ଲଗେଇ ପାଟିରୁ ଧୂଆଁ ଭସ୍ ଭସ୍ ଦି' ଥର ବାହାର କରିଦେଲା।

" କି ଲୋ ମୋ ସାଥିରେ ଯିବୁ। ଆଚ୍ଛା ଥାନରେ ରଖେଇ ଦେବି- ଖାଇବୁ, ପିଇବୁ, ଦିଲ୍ ସେ ରହିବୁ. କିଛି ତକଲିବ୍ ହେବ ନାହିଁ। ଆ ଯିବୁ ଯଦି; ତୁ ଏକଲା ଆ।

ମଲାକୁଣି ପୋଲରେ ଗାଡ଼ି ପଡ଼ିଲା- କଳିକତା ଯାତ୍ରା ଗୁଡ଼ାକ ପାଟି କରି ଉଠିଲେ- ' ହରି ବୋଲ'।